# କତାରର ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ଫେବୃଆରୀ 14, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି କତାରର ଦୋହାଠାରେ କତାରର ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲରହମାନ ଅଲ୍ ଥାନିଙ୍କୁ ତାଙ୍କର ପ୍ରଥମ କାର୍ଯ୍ୟକ୍ରମରେ ସାକ୍ଷାତ କରିଥିଲେ ।

2.  ବାଣିଜ୍ୟ, ନିବେଶ, ଶକ୍ତି, ଅର୍ଥ ଏବଂ ପ୍ରଯୁକ୍ତି ବିଦ୍ୟା ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଉପରେ ଉଭୟ ନେତା ମତ ବିନିମୟ କରିଥିଲେ । ସେମାନେ ପଶ୍ଚିମ ଏସିଆରେ ସାମ୍ପ୍ରତିକ ଆଞ୍ଚଳିକ ବିକାଶ ବିଷୟରେ ମଧ୍ୟ ଆଲୋଚନା କରିଥିଲେ ଏବଂ ଏହି ଅଞ୍ଚଳ ଏବଂ ଏହା ବାହାରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

3. ଏହାପରେ ପ୍ରଧାନମନ୍ତ୍ରୀ କତାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତାଙ୍କ ସମ୍ମାନରେ ଆୟୋଜିତ ରାତ୍ରୀ ଭୋଜନରେ ଯୋଗ ଦେଇଥିଲେ ।

**ଦୋହା**
**ଫେବୃଆରୀ 14, 2024**